# ସୁବ୍ରତଙ୍କୁ ଯୁବ ଓ ରାଜକିଶୋରଙ୍କୁ ବାଲ୍ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର,୧୮।୬(ବ୍ୟୁରୋ): ସୁବ୍ରତ ସେନାପତିଙ୍କୁ ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁବ ପୁରସ୍କାର ଦିଆଯିବ। ସେହିପରି ଡ. ରାଜକିଶୋର ପାଢ଼ୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। 'କଦମ୍ବ ବନ' ଗଳ୍ପ ପୁସ୍ତକ ପାଇଁ ଯୁବ ଲେଖକ ସୁବ୍ରତ କୁମାର ସେନାପତି ଏବଂ 'କେତେ ଫୁଲ ଫୁଟିଛି' ପୁସ୍ତକ ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ଯଥାକ୍ରମେ ୨୦୨୫ ମସିହା ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଏବଂ ବାଲ ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକ ନିଷ୍ପତ୍ତି କ୍ରମେ ୨୦୨୫ ବର୍ଷ ପାଇଁ ଏକାଡେମୀ ଯୁବ ଏବଂ ବାଲ ପୁରସ୍କାର ଘୋଷଣା ହୋଇଛି। 'କେତେ ଫୁଲ ଫୁଟିଛି' ପୁସ୍ତକ ପାଇଁ ପୁରସ୍କୃତ ହେଲେ ରାଜକିଶୋର ପାଢ଼ୀ।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



ସୁବ୍ରତ ସେନାପତି



ରାଜକିଶୋର ପାଢ଼ୀ

ସୁବ୍ରତ ସେନାପତି ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର। 'କଦମ୍ବ ବନ' ପୁରସ୍କାର ପାଇଁ ପୁରସ୍କୃତ ହେବେ। ପୁରସ୍କାର ଘୋଷଣା ପରେ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଉଭୟ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା, ଉପଢୌକନ ଓ ସ୍ମାରକୀ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଯୁବ ପୁରସ୍କାର ଚୂଡାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ଯଶୋଧାରା ମିଶ୍ର, ରବି ସ୍ୱାଇଁ, ସୁଭାଷ ଶତପଥୀ ଏବଂ ବାଲ ପୁରସ୍କାର ଚୂଡାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଏବଂ ରାମଚନ୍ଦ୍ର ନାୟକ ପ୍ରମୁଖ ଥିଲେ ବୋଲି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସ ସୂଚନା ଦେଇଛନ୍ତି। ଏକାଡେମୀ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଉଭୟ ମନୋନୀତ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ।